JUBAMORCHA ଯୁବମୋର୍ଚ୍ଚା

# ଶ୍ରମିକଙ୍କୁ ଦରମା ନଦେଇ ଶୋଷଣ ମାମଲା

## ଠିକା ସଂସ୍ଥାକୁ ସମର୍ଥନ ଦେଲେ ଶ୍ରମିକ, ରାଜନୈତିକ ଆକ୍ରୋଶର ଶୀକାର ହେଉଛନ୍ତି ଠିକା ସଂସ୍ଥା

ପାରାଦୀପ, (ସୁମନ୍ତ ସ୍ୱାଇଁ) : ପାରାଦୀପସ୍ଥିତ ଜେ.ଏମ୍.ବକ୍ସି ଅଧିନରେ ଦୀର୍ଘ ଦିନ ଧରି ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଡେଟ୍ କାମ କରି ଆସୁଛି । ଏହି ସଂସ୍ଥା ଅଧିନରେ କାମ କରୁଥିବା କିଛି ଶ୍ରମିକ ସଂସ୍ଥା ବିରୋଧରେ ମିଥ୍ୟା ଅଭିଯୋଗ କରି ସଂସ୍ଥାକୁ ବଦନାମ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ସଂସ୍ଥାର ଅନ୍ୟ କର୍ମଚାରୀମାନେ । ସଂସ୍ଥାର ମାଲିକ ଶ୍ରମିକମାନଙ୍କୁ ସଠିକ୍ ସମୟରେ ଦରମା ଦେଇଥାନ୍ତି, କୋଭିଡ୍ ସମୟରେ କାମ ବନ୍ଦ ଥିବା ସମୟରେ ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଡେଟ୍ର ମୁଖ୍ୟ କୁମରକାନ୍ତ ମହାନ୍ତି ଶ୍ରମିକମାନଙ୍କୁ ଘରେ ବସେଇ ଦରମା ଦେବା ସହିତ ନିୟମିତ ଭାବେ ଶ୍ରମିକମାନଙ୍କ ପରିବାର କଥା ବୁଝିଥିଲେ ବୋଲି ସୁପରଭାଇଜର ଭାବେ କାମ କରୁଥିବା ପ୍ରମୋଦ ପ୍ରଧାନ ଶୁକ୍ରବାର



ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କମ୍ପାନୀରେ ରିଗର ଭାବେ କାମ କରୁଥିବା ଶିଶିର ଦଳାଇ କହିଛନ୍ତି ପ୍ରତ୍ୟେକ ମାସର ୧ ତାରିଖରୁ ୮ ତାରିଖ ମଧ୍ୟରେ ଆମକୁ ଦରମା ମିଳୁଛି । ହେଲେ ରାଜନୈତିକ ଅଭିସନ୍ଧି ନେଇ କିଛି ଖଳବ୍ୟକ୍ତି ଆମ ସଂସ୍ଥାକୁ ବଦନାମ କରିବା ସହିତ ଆମ ମାଲିକଙ୍କୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି । ସଂସ୍ଥା ବିରୁଦ୍ଧରେ ଅଭିଯୋଗ କରିଥିବା ଶ୍ରମିକମାନଙ୍କୁ ମଧ୍ୟରୁ ବହୁ ଅଭିଯୋଗକାରୀ ଏବେ ସେମାନଙ୍କ ଭୂଲ ବୁଝିପାରି ଫେରି ଆସିଲେଣି ବୋଲି ଶିଶିର ଦଳାଇ କହିଛନ୍ତି । ସଂସ୍ଥାର ଅନ୍ୟତମ ସୁପରଭାଇଜର ଅଲେଖ ରାଉତ ସେମାନଙ୍କୁ ସଂସ୍ଥାକୁ ବଦନାମ ନକରିବା ସହିତ ଖଳବ୍ୟକ୍ତିଙ୍କଠାରୁ ଦୂରେଇ ରହି ପରିବାର କଥା ଚିନ୍ତା କରିବାକୁ ଶ୍ରୀ ରାଉତ ଅନୁରୋଧ କରିଥିଲେ । ସଂସ୍ଥାରେ ଦୀର୍ଘ ଦିନ ଧରି କାମ କରି ଆସୁଥିବା ନିରଂଜନ ଜେନା କହିଛନ୍ତି ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଡେଟ୍ ଏକ ଭଲ ସଂସ୍ଥା । ସଂସ୍ଥାର ମାଲିକ ଶ୍ରୀ ମହାନ୍ତି ସବୁବେଳେ ଆମକୁ ପ୍ରାଧାନ୍ୟ ଦେଇଆସିଛନ୍ତି । ସଟ୍‌ଡାଉନ୍ ସମୟରେ କାମ କମିଯାଇଥାଏ, ହେଲେ ଆମେ ମାନେ କାମ ନକଲେ ଦରମା ନାହିଁ । ଏକଥାକୁ ସେମାନେ ଭୂଲି ଭୁଲ ବାଟରେ ଯାଇ ସଂସ୍ଥାକୁ ବଦନାମ କରୁଛନ୍ତି । ଯାହାକି ମହାଭୁଲ, ସେମାନେ ଯେଉଁ ଭଳି ଭାବେ କାମ କରୁଥିଲେ ସେହିଭଳି ଭାବେ କାମ କରିବାକୁ ଶ୍ରୀ ଜେନା ନିବେଦନ କରିଥିଲେ । ପ୍ରକାଶଥାଉକି, ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଡେଟ୍ ପାରାଦୀପରେ ଦୀର୍ଘ ଦିନ ହେବ କାମ କରିଆସୁଛି । ସଂସ୍ଥା ନାମରେ କେବେବି କୌଣସି ଶ୍ରମିକମାରଣର ଅଭିଯୋଗ ନାହିଁ । ଅନ୍ୟ ଜିଲ୍ଲାର କିଛି ରାଜନୈତିକ ବ୍ୟକ୍ତି ସଂସ୍ଥାର ମାଲିକଙ୍କ ବିରୁଦ୍ଧରେ ରାଜନୈତିକ ହୀନ ଅଭିସନ୍ଧି ନେଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସଂସ୍ଥାର ମୁଖ୍ୟ ମାଲିକ କୁମରକାନ୍ତ ମହାନ୍ତି କହିଛନ୍ତି । ସିଧାସଳଖ ଭାବେ ତାଙ୍କର କୌଣସି ରାଜନୈତିକ ଦଳ ସହିତ ସମ୍ପର୍କ ନାହିଁ କି ସେ ସକ୍ରିୟ ରାଜନୀତିରେ ନାହାଁନ୍ତି । ଅଯଥାରେ ତାଙ୍କ ବ୍ୟବସାୟରେ ବାଧା ସୃଷ୍ଟି ତାଙ୍କୁ ବହୁତ କଷ୍ଟ ଦେଇଛି ବୋଲି ସେ କହିଛନ୍ତି ।

## ସାମ୍ବାଦିକ ରବି ରଣାଙ୍କ ବିୟୋଗରେ ପ୍ରେସ୍ କ୍ଲବ ପକ୍ଷରୁ ଶୋକସଭା

ଯାଜପୁର (ଯୁବମୋର୍ଚ୍ଚା ବ୍ୟୁରୋ) : ଯାଜପୁର ସହରର ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ରଣା(୭୩)ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେବ ହୃଦଘାତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିଲେ । ସ୍ୱର୍ଗତ ରଣା ଦୀର୍ଘ ବର୍ଷ ହେବ ଓଡିଆ ଖବର କାଗଜ



ମଚ୍ଛନରେ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିଲେ । ଯାଜପୁର ପ୍ରେସ୍ କ୍ଲବ ତରଫରୁ ସ୍ୱର୍ଗତ ରଣାଙ୍କ ବିୟୋଗରେ ଏକ ଶୋକସଭା ତୁଳସୀ ରିସୋର୍ଟରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବର ସଭାପତି ରାଜୀବ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମରଜିତ୍ ମହାନ୍ତି, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଦୀଲିପ୍ କୁମାର ଦାସ ପ୍ରମୁଖ ଯୋଗ ଦେଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଆଦିତ୍ୟ ମହାନ୍ତି, ଦେବାଶିଷ ସାହୁ, ମହେଶ୍ୱର ସାହୁ, ମାନସ ତ୍ରୀପାଠି, ସେଖ୍ ମନିରୁଦ୍ଦିନ, ପ୍ରଦୀପ କୁମାର ବେହୁରିଆଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମାନେ ଯୋଗ ଦେଇ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

## ଯାଜପୁର କଂଗ୍ରେସ୍ କମିଟି ପକ୍ଷରୁ ଶୋକ

ଯାଜପୁର, (ଯୁବମୋର୍ଚ୍ଚା ବ୍ୟୁରୋ) : ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ରଣା(୭୩)ଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ରଣା୩୦ ବର୍ଷରୁ ଉର୍ଦ୍ଧ ସମୟ କଂଗ୍ରେସ ଦଳରେ ଜଣେ ବଳିଷ୍ଠ କର୍ମୀ ଭାବେ ପରିଚିତ ଥିଲେ । ଗତ ରାତିରେ ନିଜ ନରହଣପୁର ଗ୍ରାମରେ ତାଙ୍କର ମୃତ୍ୟୁ ଘଟିଛି । ସେ ଜଣେ ଶାନ୍ତ, ସରଳ ଓ ମେଳାପି ବ୍ୟକ୍ତିତ୍ୱ ଥିଲେ । ତାଙ୍କ ବିୟୋଗରେ ଯାଜପୁର ସହରର ସମସ୍ତ ସାମ୍ବାଦିକ ଗଭୀର ଶୋକବ୍ୟକ୍ତ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ମୃତ୍ୟୁ ଖବର ପାଇ ଜିଲ୍ଲା କଂଗ୍ରେସର ସନ୍ତୋଷ ନନ୍ଦ, ସୁଦିପ କୁମାର କର, ଦୁର୍ଯ୍ୟୋଧନ ବେହେରା, ଦିଲିପ ଦାଶ, ଭାସ୍କର ମହାନ୍ତି, ରାଜୀବ ମହାପାତ୍ର, ବିଭୁତି ମହାପାତ୍ର, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ପ୍ରତିମା କର, ସନ୍ତୋଷ ବେହେରା, ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତ ରଣାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଏହି ଘଟଣାରେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ନାରାୟଣ ଚନ୍ଦ୍ର ସାମନ୍ତ, ଶ୍ରୀକାନ୍ତ ମିଶ୍ର, ଶ୍ରୀନାଥ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ମର ଶରୀରକୁ ବାରୁଣୀ ମହାଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ପୁଅ ପତିତପାବନ ରଣା ମୁଖାଗ୍ନୀ ଦେଇଥିଲେ ।

## କାଳ ବୈଶାଖୀ ପ୍ରଭାବରେ ଆମ୍ବ ଫସଲ କ୍ଷତିଗ୍ରସ୍ତ

ଖଣ୍ଡପଡା, (ଯୁବମୋର୍ଚ୍ଚା ବ୍ୟୁରୋ) : କାଳ ବୈଶାଖୀ ପ୍ରଭାବରେ ଶନିବାର ଅପରାହ୍ନରେ ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳରେ ବର୍ଷା ସହ ପବନ ପ୍ରଭାବରେ ଅନେକ ମହାଦ୍ରୁମ ଗଛର ଡ଼ାଳ ଭାଙ୍ଗି ମୁଖ୍ୟ ରାସ୍ତା ଓ ବିଦ୍ୟୁତ ତାର ଉପରେ ପଡିଛି । ଗାଁ ଗାଁରେ କଚ୍ଚାଘର ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାରମ୍ବାର କାଳ ବୈଶାଖୀ ବର୍ଷା ଓ ପବନ ଯୋଗୁଁ ଆମ୍ବ ଫସଲ କ୍ଷତିଗ୍ରସ୍ତ ହୋଇଛି । ଛୋଟ ଛୋଟ ଆମ୍ବ ଗୁଡିକ ଗଛରୁ ଖସିପଡି ନଷ୍ଟ ହୋଇଛି । ଆମ୍ବ ତୋଟା ମାଳରେ ଗଛତଳେ କ୍ୱିଂଟାଲ କ୍ୱିଂଟାଲ କଷି ଆମ୍ବ ଗୁଡିକ ଖସି ପଡିଛି । ଆମ୍ବ ଫସଲ କ୍ଷତିଗ୍ରସ୍ତକୁ ନେଇ ଆମ୍ବ ଚାଷୀ ମାନେ ଭାଙ୍ଗି ପଡିଛନ୍ତି ।

## ଗ୍ରାମ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ବାଲିପାଟଣା (ଯୁବମୋର୍ଚ୍ଚା ବ୍ୟୁରୋ) : ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମଣାକୁଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋରଧା ଜିଲ୍ଲାପାଳ ଶ୍ରୀ ଚ଼ଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ଜୟଦେବ ବିଧାୟକ ଶ୍ରୀ ନବ କିଶୋର ମଲ୍ଲିକ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ,ସରପଞ୍ଚ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଜଣାଶୁଣାଣି ସକାଳ ୭ ଘଟିକାରୁ ଆରମ୍ଭ କରାଯିବା ସହ ଜନସାଧାରଣ ମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆଜି ମୋଟ ୫୨୩ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୪୭୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥିମଧ୍ୟରୁ ୫ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଏହି ଜଣାଶୁଣାଣି ସମୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ୮୫ ହଜାର ଟଙ୍କା ଏବଂ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଅଭିଯୋଗ ଗୁଡିକୁ ବିଚ଼ାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଚ଼ଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଆଜିର ମିଳିତ ଜନଶୁଣାଣି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାଶ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ,ଜିଲ୍ଲା ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର, ଅତିରିକ୍ତ ଡିସିପି ଶ୍ରୀ କୃଷ୍ଣଚ଼ନ୍ଦ୍ର ଦାଶ, ଶ୍ରୀମତୀ ଆରତୀ ଗିରି ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ରେଳ କର୍ମଚ଼ାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚ଼ାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଅଛି ।

